# Akashvani, Sambalpur

## SAMBALPURI NEWS BULLETIN

### 5 December 2025 – 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ- ବିଧାନ୍‌ସଭା ଖର୍ଚ୍ଚା ଦାବି     ବିଧାନ୍‌ସଭା

ରାଜ୍ୟ ସର୍‌କାର୍ ଆଏବା ୫ ବଛର୍ ଭିତ୍‌ରେ ଦେଢ୍ ଲାଖ୍ ସର୍‌କାରୀ ପଦ୍‌ବୀ ପୂରଣ୍ କର୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ଗଲାକାଏଲ୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ଆଲୋଚନା କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ନୂଆଁ ସର୍‌କାର୍ ଆସ୍‌ଲା ଦିନୁ ଏବ୍‌ତକ୍ ନିଯୁକ୍ତି ମେଳା ଜରିଏ ୩୭ ହଜାର୍‌ନୁ ଅଏତ୍‌କା ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବାଂଟିଛନ୍ । ଆଏବା କିଛି ମାସ୍ ଭିତ୍‌ରେ ଆହୁରି ୪୩ ହଜାର୍‌ନୁ ଅଏତ୍‌କା ପଦ୍‌ବୀ ପୂରଣ୍ କର୍‌ବାର୍‌କେ ନିଯୁକ୍ତି ସଂସ୍ଥା ମାନ୍‌କୁ ଦାୟିତ୍ୱ ଦିଆଯାଇଛେ ।

ମହାନଦୀ ବିବାଦ       ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମହାନଦୀ ଜଳ ବିବାଦ ସମାଧାନ୍ ନେଇକରି ଓଡ଼ିଶା ଆଉ ଛତିଶ୍‌ଗଡ଼୍ ଭିତ୍‌ରେ ଯୁଗ୍ମ ବୈଷୟିକ କମିଟି ବୈଠକ୍ ଆଏଜ୍ ହେବା । ବିଧାନ୍‌ସଭା ନ ଗଲାକାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ଫୁ ଇ ବାବ୍‌ଦେ ସୂଚ୍‌ନା ଦିଆଯାଇଥିଲା । ଆପୋଷ ଆଲୋଚନା ଜରିଏ ବିବାଦ୍‌ର ସମାଧାନ୍ ଲାଗି ଦୁହି ରାଜ୍ୟ ଚେରେଷ୍ଟା ଜାରି ରଖିଛନ୍ । ଦୁହି ରାଜ୍ୟର୍ ମୁଖ୍ୟମନ୍ତ୍ରୀଙ୍କର୍ ଭିତ୍‌ରେ ଇଟାକେ ନେଇକରି ଅନୌପଚାରିକ ଆଲୋଚନା ହେଇସାରିଛେ ବଲି ସେ କହିଛନ୍ । ଯୁଗ୍ମ ବୈଷୟିକ୍ କମିଟିର୍ ବୈଠକ୍ ଇତାର୍ ଆଘୋନୁ ୬ ଥର୍ ହେଇସାରିଛେ । ମହାନଦୀ ଟ୍ରିବ୍ୟୁନାଲ୍‌ଥି ମାମ୍‌ଲାର୍ ଶୁଣାଣି ଆଏବା ୨୦ ତାରିଖ୍ ହେବା ବଲି ମୁଖ୍ୟମନ୍ତ୍ରୀଙ୍କର୍ ତର୍‌ଫୁ କୁହାଯାଇଛେ ।

ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ ପୁରୀ ସମ୍ବାଦଦାତା

ପୁରୀ ନ ଆଏଜ୍‌ଠାନୁ ୩ ଦିନିଆ ବୈଶ୍ୱିକ୍ ଶକ୍ତି ନେତୃତ୍ୱ ସମ୍ମିଳନୀ - ୨୦୨୫ ମୁଲ୍ ହେଉଛେ । ସ୍ୱଚ୍ଛ ଇନ୍ଧନ୍ କ୍ଷେତ୍ରଥି ଭାରତ୍‌ର କାର୍ଯ୍ୟପନ୍ଥା ଆଉ ଭୂମିକା ବାବ୍‌ଦେ ଇଥି ଆଲୋଚନା କରାଯିବା । ୭ ତାରିଖ୍‌ତକ୍ ହେବାର୍‌କେ ଥିବା ସମ୍ମିଳନୀଥି କେନ୍ଦ୍ର ଅକ୍ଷୟଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ, ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ,

ହିମାଚଲ୍ ପ୍ରଦେଶ୍‌ର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର୍ ସୁଖୁ, ଛତିଶ୍‌ଗଡ଼୍ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ, ଆଉ ଅଲ୍‌ଗା ରାଜ୍ୟର୍ ମନ୍ତ୍ରୀମାନେ ସାମିଲ୍ ହେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ I&PR

ଭୁବ୍‌ନେଶ୍ୱର୍ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନ ଆଏବା କାଏଲ୍‌ଠାନୁ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ମୁଲ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମହୋତ୍ସବ୍‌କେ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଡିସେମ୍ବର୍ ୧୭ ତାରିଖ୍‌ତକ୍ ହେବାର୍‌କେ ଥିବା ମହୋତ୍ସବ୍‌ଥି ୫ ଶହ ୫୦ ଟା ଷ୍ଟଲ୍ ତିଆର୍ କରାଯାଇଛେ । ଇଥି ୨ ଶହ ୫୦ ପ୍ରକାଶକ ଆଉ ବହି ବିକେତ୍ରା ଯୋଗ୍ ଦେବେ । ୬ ଟା ଅନ୍ତର୍ଜାତୀୟ ସ୍ତରର୍ ପ୍ରକାଶନ ସଂସ୍ଥା ଭିଲ୍ ଭାଗ୍ ନଉଛନ୍ ବଲି ଗଲାକାଏଲ୍ ଭାଷା ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇଛନ୍ ।

ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟନିର୍ବାହୀ ବୈଠକ୍ I&PR

ବିପର୍ଯ୍ୟୟ ପରିଚାଲନା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର୍ ୨୦୨୫-୨୬ ବଛ୍‌ରର୍ ପହେଲା ବୈଠକ୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଯାଇଛେ । ବୈଠକ୍‌ଥି ରାଜ୍ୟ ବିପର୍ଯ୍ୟୟ ବିପଦ ପରିଚାଲନା ପାଣ୍ଠି ଅଧୀନ୍‌ର ଖର୍ଚ୍ଚା ଅନୁମୋଦନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଇ ବଛର୍ ପାଣ୍ଠିନୁ ମୋଟ୍ ୩ ଶହ ୯୧ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କରାଯାଇଛେ ।

ମୃତିକା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ମୃତିକା ଦିବସ୍ । ୨୦୦୨ ମସିହା ନ ଆନ୍ତର୍ଜାତୀୟ ମୃତିକା ସଂଗଠନ୍ ତର୍‌ଫୁ ଇ ଦିବସ୍ ପାଲନ୍ ଲାଗି ଦିଆଯାଇଥିବାର୍ ପ୍ରସ୍ତାବ୍‌କେ ୨୦୧୩ ମସିହା ନ ମିଲିତ୍ ଜାତିସଂଘର୍ ଅନୁମୋଦନ୍ ମିଲିଥିଲା । ମାଟିର୍ ସୁରକ୍ଷାର୍ ଲାଗି ସଚେତନତା ବନାବାର୍‌ଟା ଇ ଦିବସ୍ ପାଲନ୍‌ର ଲକ୍ଷ୍ୟ ଆଏ । ଇ ବଛର୍ ମୃତିକା ଦିବସ୍‌ର ବାର୍ତା ହେଉଛେ 'ସୁସ୍ଥ ସହର୍ ଲାଗି ସୁସ୍ଥ ମାଏଟ୍' । ମୃତିକା ଦିବସ୍ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ସେନ୍ତା ସ୍ୱେଚ୍ଛାସେବୀ ଆଉ ସେମାନ୍‌କର୍ ସଂଗଠନ୍ ମାନ୍‌କର୍ ଚେରେଷ୍ଟାକେ ସମ୍ମାନ୍ ଜନାବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ

ସ୍ୱେଚ୍ଛାସେବୀ ଦିବସ୍ ଭିଲ୍ ପାଲନ୍ କରାଯାଉଛେ । ୧୯୮୫ ମସିହାନୁ ଇ ଦିବସ୍ ପାଲନ୍ ହେଇଆସୁଛେ ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା    ଆର୍ଏନ୍ୟୁ/ ସମ୍ବଲପୁର

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜ୍ନାଥି ଆଏଜ୍ ସମ୍ବଲ୍ପୁର୍ ସହେତେ ୭ ଟା ଜିଲ୍ଲା ର୍ ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକ୍ ରାମେଶ୍ୱରମ୍-ମଦୁରାଇକେ ତୀର୍ଥଯାତ୍ରାଥି ଯିବେ । ସମ୍ବଲ୍ପୁର୍ ରେଲ୍ଷ୍ଟେସନ୍ନୁ ଗୁଟେ ସ୍ୱତନ୍ତ୍ର ଟ୍ରେନ୍ ଜରିଏ ସେମାନେ ଯାତ୍ରା କର୍ବେ । ଜିଲ୍ଲା ପ୍ରଶାସନ୍ ତର୍ଫୁ ପତାକା ଦେଖେଇକରି ଟ୍ରେନ୍ର ଶୁଭାରମ୍ଭ କରାଯିବା । ତୀର୍ଥଯାତ୍ରୀମାନେ ନିଜର୍ ନିଜର୍ ଜିଲ୍ଲା ନୁ ଗଲାକାଏଲ୍ ସମ୍ବଲ୍ପୁର୍ ଆସିକରି ରାତ୍ରିଯାପନ୍ କରିଥିଲେ ।

ରାଷ୍ଟ୍ରୀୟ ଲୋକ ଅଦାଲତ      ବର୍ଗଡ଼୍ ସମ୍ବାଦଦାତା

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ୧୩ ତାରିଖ ଦିନ ୪ ନମ୍ବର୍ ରାଷ୍ଟ୍ରୀୟ ଲୋକ ଅଦାଲତ ହେବା । ଇଥି ବରଗଡ଼ କୋର୍ଟ ସହେତେ ପଦ୍ମପୁର, ସୋହେଲା, ବରପାଲି, ଭେଡେନ, ଅତାବିରା ଓ ବିଜେପୁର

କୋର୍ଟ ନ ସଖାଲର୍ ୧୦ବଜେନୁ ବିଚାରାଧୀନ ମକଦ୍ଦମାମାନ୍କର୍ ଆପୋଷ ସହମତିଥି ସମାଧାନ କରାଯିବା ।

ଯୁବୋତ୍ସବ ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସଂସ୍କୃତି ଭବନ୍ ନ 'ବିକଶିତ୍ ଭାରତ୍ ଯୁବ ନେତୃତ୍ୱ ସଂଳାପ -୨୦୨୬- ଯୁବୋତ୍ସବ' ପାଲିତ୍ ହେଇଯାଇଛେ । ମହୋତ୍ସବ୍‌କେ ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଉଦ୍‌ଘାଟନ୍ କରିଥିଲେ । ଯୁବୋତ୍ସବର୍ ପହେଲା ଖେପେ ଛାତ୍ରଛାତ୍ରୀମାନ୍କର୍ ତର୍ଫୁ ବିଜ୍ଞାନ୍ ପ୍ରକଳ୍ପ ପ୍ରଦର୍ଶନୀ ହେଇଥିଲା । ସେନ୍ତା ଯୁଆନ୍ ପିଲା ଟୁକେଲ୍ ମାନ୍କର୍ ଭିତ୍‌ରେ ଗୀତ୍, ନାଚ୍, ବକ୍ତୃତା, ଚିତ୍ରାଙ୍କନ ସହେତେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା । ୨ ନମ୍ବର୍ ଖେପେ ସଂସ୍କୃତି ଭବନ୍ ନ ପୁରସ୍କାର୍ ବିତରଣ୍ ସମାରୋହ ହେଇଥିଲା ।

ବରିଷ୍ଠ ନାଗରିକଙ୍କର୍ କାର୍ଯ୍ୟାଳୟ ନୂଆପଡ଼ା ସମ୍ବାଦଦାତା

ବିଧାୟକଙ୍କର୍ ସ୍ଥାନୀୟ ଉନ୍ନୟନ ପାଣ୍ଠିଥି ନୂଆପଡ଼ା ନ ତିଆର୍ ହେଇଥିବା ବରିଷ୍ଠ ନାଗରିକଙ୍କର୍ କାର୍ଯ୍ୟାଳୟ ଉଦ୍‌ଘାଟିତ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଉତ୍ସବ୍‌ଥି ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍

ପାଣିଗ୍ରାହୀ, ଜିଲ୍ଲାପାଳ୍ ମଧୁସୂଦନ୍ ଦାସ, ନଗର ଅଧ୍ୟକ୍ଷ ଉଜ୍ଜ୍ୱଳ୍ ଗୁପ୍ତା ପ୍ରମୁଖ ଯୋଗ୍ ଦେଇଥିଲେ ।

ଟ୍ୱିଣ୍ଟି ମେଚ୍      ରାଜ୍ୟ ପୁଲିସ୍ ମୁଖ୍ୟାଳୟ

ଭାରତ୍ ଆଉ ଦକ୍ଷିଣ ଆଫ୍ରିକା ଭିତ୍ରେ କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଆଏବା ୯ ତାରିଖ୍ ହେବାର୍କେ ଥିବା ଟିଣ୍ଟି କ୍ରିକେଟ୍ ମେଚ୍ ଲାଗି ଆଏଜ୍ଠାନୁ କାଉଂଟର୍ଥି ଦିନର୍ ୧୦ ବଜେନୁ ଟିକେଟ୍ ବିକ୍ରି ମୁଲ୍ ହେବା । ସୁବିଧାଥି ଟିକେଟ୍ ଘିନ୍ବାର୍ ଲାଗି ଶୃଙ୍ଖଲିତ୍ ଧାଡ଼ି ବ୍ୟବସ୍ଥା କରାଯାଇଛେ । ଟିକେଟ୍ କଳାବଜାରୀ ଉପ୍ରେ କମିଶନରେଟ୍ ପୁଲିସ୍ ତର୍ଫୁ କଡ଼ା ନଜର୍ ରଖାଯାଇଛେ ବଲି କଟକ୍ ଡିସିପି ଋଷିକେଶ୍ ଖିଲାରୀ କହିଛନ୍ ।

୯ ତାରିଖ୍ ଦିନ ହେବାର୍କେ ଥିବା ମେଚ୍ ଲାଗି ଆଏବା ରଏବାର୍ ଦିନ ଦୁହି ଦଲ୍ ଭୁବ୍ନେଶ୍ୱର୍ ପୁହୁଁଚିବେ । ସୋମ୍ବାର୍ ଦିନ ବାରବାଟୀ ଷ୍ଟାଡ଼ିୟମ୍ ନ ଅଭ୍ୟାସ୍ କର୍ବେ । କ୍ରିକେଟ୍ ମେଚ୍କେ ନେଇକରି ଓଡ଼ିଶା ପୁଲିସ୍ ତର୍ଫୁ ବ୍ୟାପକ୍ ସୁରକ୍ଷା ବ୍ୟବସ୍ଥା କରାଯାଇଛେ ବଲି ଶ୍ରୀ ଖିଲାରି କହିଛନ୍ ।